# Official Visit of Foreign Minister of New Zealand to India (February 7-10, 2023)

February 07, 2023

## ନ୍ୟୁଜିଲ୍ୟାଣ୍ଡର ବୈଦେଶିକ ମନ୍ତ୍ରୀଙ୍କ ଭାରତ ଗସ୍ତ (7-10 ଫେବୃଆରୀ 2023)

**ଫେବୃଆରୀ 07, 2023**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ଆମନ୍ତ୍ରଣ କ୍ରମେ ନ୍ୟୁଜିଲ୍ୟାଣ୍ଡର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ନାନାୟା ମହୁତା 07-10 ଫେବୃଆରୀ 2023 ଭାରତ ଗସ୍ତରେ ଆସିଛନ୍ତି। ତାଙ୍କ ସହ ଏକ ଉଚ୍ଚସ୍ତରୀୟ ଅଧିକାରୀ ଓ ବ୍ୟବସାୟୀ ପ୍ରତିନିଧି ଦଳ ମଧ୍ୟ ଆସିଛନ୍ତି। ବୈଦେଶିକ ମନ୍ତ୍ରୀ ଭାବେ ପ୍ରଥମ ଥର ଭାରତ ଗସ୍ତ କରିବା ସମୟରେ ସେ ଦିଲ୍ଲୀ ଏବଂ ମୁମ୍ବାଇ ଗସ୍ତ କରିବେ।

2. ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଦ୍ୱିପାକ୍ଷିକ ଆଲୋଚନା ପାଇଁ ବୈଦେଶିକ ମନ୍ତ୍ରୀ ମହୁତାଙ୍କ ସହ 07 ଫେବୃଆରୀ 2023 ରେ ଏକ ବୈଠକ ଆୟୋଜନ କରିଥିଲେ। ଉଭୟ ମନ୍ତ୍ରୀ ଅର୍ଥନୈତିକ ସହଯୋଗ, ଶିକ୍ଷାଗତ ବିନିମୟ, ପ୍ରତିରକ୍ଷା କାର୍ଯ୍ୟକ୍ରମ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସମେତ ଦ୍ୱିପାକ୍ଷିକ ପ୍ରସଙ୍ଗର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ସେମାନେ ମତ ବିନିମୟ କରିଥିଲେ ଏବଂ ନିୟମ-ଆଧାରିତ, ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡର ସମ୍ମିଳିତ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ।

3. ବୈଦେଶିକ ମନ୍ତ୍ରୀ ମହୁତା ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କୁ ଆନ୍ତର୍ଜାତିକ ସୌର ମେଣ୍ଟ (ଆଇଏସଏ) ଫ୍ରେମୱାର୍କ ଚୁକ୍ତିନାମାର ସ୍ୱାକ୍ଷରିତ ନକଲ ହସ୍ତାନ୍ତର କରିଥିଲେ ଯାହାଦ୍ୱାରା ନ୍ୟୁଜିଲ୍ୟାଣ୍ଡର ଏହି ମେଣ୍ଟରେ ସଦସ୍ୟତା ପାଇଁ ପଥ ପରିଷ୍କାର ହୋଇଛି।

4. ବୈଦେଶିକ ମନ୍ତ୍ରୀ ମହୁତାଙ୍କ ଏହି ଗସ୍ତ ଅକ୍ଟୋବର 2022 ରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ନ୍ୟୁଜିଲ୍ୟାଣ୍ଡ ଗସ୍ତ ପରେ ଆୟୋଜିତ ହୋଇଛି।

5. ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କ ଗଣତାନ୍ତ୍ରିକ ପରମ୍ପରା ଓ ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ନେଇ ସହଭାଗୀ ମୂଲ୍ୟବୋଧ ଉପରେ ଆଧାରିତ।  ଅର୍ଥନୈତିକ, ରାଜନୈତିକ, ପ୍ରତିରକ୍ଷା, ଶିକ୍ଷା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗ ରହିଛି।

**ନୂଆଦିଲ୍ଲୀ**

**ଫେବୃଆରୀ 07, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.